# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 1616, CUTTACK, SATURDAY, OCTOBER 7, 2017/ASWINA 15, 1939**


## HOUSING & URBAN DEVELOPMENT DEPARTMENT

NOTIFICATION

The 6th October, 2017

**S.R.O. No. 462/**2017— The following draft of certain rules further to amend the Odisha Municipal Rules, 1953, which the State Government propose to make in exercise of the powers conferred by Section 387 of the Odisha Municipal Act, 1950 (Odisha Act 23 of 1950) is hereby published as required by Section 392 of the said Act for information of all persons likely to be affected thereby and the notice is hereby given that the said draft will be taken into consideration by the State Government on or after the expiry of a period of thirty days from the date of publication of this notification in the *Odisha Gazette*;

Any objection or suggestion which may be received by the Commissioner-*cum*-Secretary to Government from any person in respect of the said draft before expiry of the period so specified above will be considered by the State Government.

**DRAFT**

**1. Short title and commencement**.— *(1)* These rules may be called the Odisha Municipal (Amendment) Rules, 2017.

*(2)* They shall come into force on the date of their publication in the *Odisha Gazette*.

**2.** In the Odisha Municipal Rules, 1953 (hereinafter referred to as the said rules) ,for rule 387 , the following rule, shall be substituted, namely:—

“ 387. Monthly remuneration shall be paid to the Chairperson and Vice-Chairperson out of the Municipalities Fund at the following rates:—

| | | |
|---|---|---|
| (i) Chairperson of the Municipal Council | - | Rs 5,000.00 |
| (ii) Vice- Chairperson of the Municipal Council | - | Rs 2,500.00 |
| (iii) Chairperson of the Notified Area Council | - | Rs 2,500.00 |
| (iv) Vice-Chairperson of the Notified Area Council | - | Rs 1,500.00 “ |

**3.** In the said rules, for rule 387-A ,the following rule shall be substituted, namely:—

" 387-A. Sitting allowance.— Every Councillor, Chairperson, Vice-Chairperson shall receive sitting fee of three hundred rupees per meeting for attending such meeting."

[No.22537–HUD-13-LEGIS-67-POLICY-15-35/2017/HUD.]

By Order of the Governor

G. MATHI VATHANAN

Commissioner-*cum*-Secretary to Government

# ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

## ଅଧିସୂଚନା

ତା.6.10.2017

**S.R.O. No. 462/**2017— ଓଡିଶା ପୌର ଅଧିନିୟମ,1950 (1950 ର ଓଡିଶା ଅଧିନିୟମ 23) ର ଧାରା387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ଓଡ଼ିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ସକାଶେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବ କରାଯାଇ ଉକ୍ତ ଅଧିନିୟମର ଧାରା 392 ଦ୍ୱାରା ଆବଶ୍ୟକ ହେବା ମତେ ନିମ୍ନଲିଖିତ ଚିଠା ନିୟମାବଳୀକୁ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଯାଉଛି ଏବଂ ଏତଦ୍ୱାରା ନୋଟିସ୍ ଦିଆଯାଉଛି କି, ଏହି ଅଧିସୂଚନାଟି *ଓଡିଶା ଗେଜେଟ*ରେ ପ୍ରକାଶିତ ହେବା ତାରିଖ ଠାରୁ ତିରିଶ ଦିନ ଯେଉଁ ଦିନ ପୂରିବ ସେହି ଦିନ ବା ତାହା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଚିଠାଟି ବିଚାରକୁ ନିଆଯିବ ।

ସେପରି ବିନିର୍ଦ୍ଦିଷ୍ଟ ଅବଧିର ଅବସାନ ପୂର୍ବରୁ ଉକ୍ତ ଚିଠା ସଂକ୍ରାନ୍ତରେ କୌଣସି ବ୍ୟକ୍ତିଙ୍କଠାରୁ କମିସନର-*ତଥା*-ଶାସନ ସଚିବଙ୍କୁ କୌଣସି ଆପତ୍ତି ବା ପ୍ରସ୍ତାବ ମିଳିଲେ, ତାହାକୁ ରାଜ୍ୟ ସରକାର ବିଚାର କରିବେ ।

## ଚିଠା

**1.** ସଂକ୍ଷିପ୍ତନାମ ଏବଂ ପ୍ରାରମ୍ଭ: (1) ଏହି ନିୟମାବଳୀ, ଓଡିଶା ପୌର (ସଂଶୋଧନ) ନିୟମାବଳୀ, 2017 ନାମରେ ଅଭିହିତ ହେବ ।

(2) ଏହା *ଓଡ଼ିଶା ଗେଜେଟ*ରେ ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖ ଠାରୁ ବଳବତ୍ତର ହେବ ।

**2.** ଓଡିଶା ପୌର ନିୟମାବଳୀ, 1953 (ଏହା ପରେ ଉକ୍ତ ନିୟମାବଳୀ ଭାବେ ସୂଚୀତ) ର ନିୟମ 387 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

" 387. ସଭାଧ୍ୟକ୍ଷ ଓ ଉପ-ସଭାଧ୍ୟକ୍ଷଙ୍କୁ ମାସିକ ଭତ୍ତା ପୌରପାଳିକା ପାଣ୍ଠିରୁ ନିମ୍ନମତେ ପ୍ରଦାନ କରାଯିବ :-

| | | | |
|---|---|---|---|
| (i) | ପୌରପରିଷଦର ସଭାଧ୍ୟକ୍ଷ | - | **Rs.5,000.00** |
| (ii) | ପୌରପରିଷଦର ଉପ-ସଭାଧ୍ୟକ୍ଷ | - | **Rs.2,500.00** |
| (iii) | ଅଧିସୂଚୀତ କ୍ଷେତ୍ର ପରିଷଦର ସଭାଧ୍ୟକ୍ଷ | - | **Rs.2,500.00** |
| (iv) | ଅଧିସୂଚୀତ କ୍ଷେତ୍ର ପରିଷଦର ଉପ-ସଭାଧ୍ୟକ୍ଷ | - | **Rs.1,500.00** |

**3.** ଉକ୍ତ ନିୟମାବଳୀର ନିୟମ 387-କ ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

"387-କ.ବୈଠକ ଭତ୍ତା,- ପ୍ରତ୍ୟେକ ପାରିଷଦ, ସଭାଧ୍ୟକ୍ଷ, ଉପ-ସଭାଧ୍ୟକ୍ଷ ସେଭଳି ବୈଠକରେ ଯୋଗଦେବା ପାଇଁ ପ୍ରତିବୈଠକ ପାଇଁ ଭୈଠକ ଭତ୍ତା ବାବଦରେ ତିନିଶହ ଟଙ୍କା ପାଇବେ ।"

[ସଂଖ୍ୟା-22537–ଏଚ୍.ୟୁ.ଡି.-୧୩-ଲେଜିସ୍-୬୭-ପଲିସି-୧୫-୩୫/୨୦୧୭/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜି. ମାଥି ଭାଥନନ୍

କମିସନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 944-173+10